# ଲେନିନ୍ କୁମାର ଏବଂ ତାଙ୍କ ପୁସ୍ତକ ଉପରେ ଚଢାଉ- ନେପଥ୍ୟରେ କିଏ ?

## ସ୍ୱାଗତଯୋଗ୍ୟ ପ୍ରତିବାଦ

ନିକଟରେ ଭୁବନେଶ୍ୱର ପୋଲିସ୍ ଦ୍ୱାରା ଜବତ ହୋଇଥିବା ପୁସ୍ତକ 'ଧର୍ମ ନାଁରେ କନ୍ଧମାଳରେ ରକ୍ତନଦୀ' ଏବଂ ଗିରଫ ହୋଇଥିବା ଏହାର ଯୁବ ଲେଖକ ତଥା 'ନିଶାନ୍' ପତ୍ରିକାର ସଂପାଦକ ଲେନିନ୍ କୁମାରଙ୍କ ବିଷୟରେ ଲୋକେ ଅଳ୍ପବହୁତେ ଜାଣିସାରିବେଣି । ଲେନିନ୍ କୁମାର ଜଣେ ମାଓବାଦୀଙ୍କ ସହ ସଂପର୍କୀତ ବ୍ୟକ୍ତି ଏବଂ ତାଙ୍କର ଏହି ପୁସ୍ତକ ସାଂପ୍ରଦାୟିକ ହିଂସାକୁ ଉସ୍କାନି ଦେବ ବୋଲି ଅଭିଯୋଗ ଭିତ୍ତିରେ ତାଙ୍କୁ ଏବଂ ମୁଦ୍ରାକର ଶୋଭନ ପ୍ରେସ୍‌ର ଦୁଇଜଣ କର୍ମଚାରୀଙ୍କୁ ବିନା ୱାରେଣ୍ଟରେ ଗତ ୭ ତାରିଖରେ ଅଚାନକ ଗିରଫ କରାଯାଇଥିଲା । ପୋଲିସ୍ ତାଙ୍କୁ କୋର୍ଟକୁ ନେଉଥିବା ବେଳେ ତାଙ୍କ ସହ ଦୈହିକ ଦୁର୍ବ୍ୟବହାର ମଧ କରିଛି । ତଳ ଅଦାଲତ ତାଙ୍କର ଜାମିନ୍ ନାମଞ୍ଜୁର କରିଥିବା ବେଳେ ଜିଲ୍ଲା ଅଦାଲତ ଏହା ମଞ୍ଜୁର କରିଛନ୍ତି । ବୃତ୍ତିରେ ଅଧ୍ୟାପନା କରୁଥିବା ଅଥଚ ଉଦ୍‌ବୃତ୍ତ ସମୟ ଓ ଶକ୍ତିକୁ ଲେଖନୀ ମାଧ୍ୟମରେ ପ୍ରଗତିଶୀଳ ଏବଂ ସଂସ୍କାରମୁଖୀ ଜନଆନ୍ଦୋଳନକୁ ବୌଦ୍ଧିକ ଖୋରାକ୍ ଯୋଗାଇ ଆସୁଥିବା ଏହି ଉଦୀୟମାନ ଯୁବ ପ୍ରତିଭାଙ୍କ ପ୍ରତି ରାଜ୍ୟ ପୋଲିସ୍ ଯେଉଁ ଅବିଚାର କଲେ, ତାହା ଏହି ଲେଖକ ସମେତ ସମସ୍ତ ସାଧିନତା-ପ୍ରେମୀ ଚିନ୍ତକ ଏବଂ ଭାବୁକ ଗୋଷ୍ଠୀଙ୍କ ପାଇଁ ଏକ ବିରାଟ ଆହ୍ୱାନ୍ । ଲେନିନ୍‌ଙ୍କ ସହଧର୍ମିଣୀ ଶ୍ରୀମତୀ ରୋମି କୁଣ୍ଡୁ, ଯେ କି ନିଜେ ଜଣେ ସମାଜ-କର୍ମୀ, ନ୍ୟାୟ ଅଶାରେ ରାଜ୍ୟ ମାନବାଧିକାର କମିଶନ୍ ପାଖରେ ଫେରାଦ୍ ହୋଇଛନ୍ତି । କିନ୍ତୁ ଏହାଠାରୁ ବଳି ଆମ ସମସ୍ତଙ୍କ ପାଇଁ ଏକ ଶୁଭ ଲକ୍ଷଣ ଯେ, ଲେନିନ୍ କୁମାରଙ୍କୁ ତାଙ୍କର ପୁସ୍ତକ ପାଇଁ ରାଜ୍ୟ ପୋଲିସ୍ ଯେଉଁ ଅଚାନକ ନିର୍ଯ୍ୟାତନ ଦେଲେ, ତାହା ବିରୁଦ୍ଧରେ ରାଜ୍ୟ ଏବଂ ରାଜ୍ୟ ବାହାରର ଅନେକ ସାଧୀନଚେତା ଏବଂ ଉଦାରମନା ବ୍ୟକ୍ତିବିଶେଷ ଦଳମତ ନିର୍ବିଶେଷରେ ସୋଚ୍ଚାର ପ୍ରତିବାଦ ଜଣାଇଛନ୍ତି । ଆଶା କରାଯାଏ, ରାଜ୍ୟ ସରକାର ସୁସଚେତନ ନାଗରିକ ଗୋଷ୍ଠୀଙ୍କର ଏହି ସ୍ୱତସ୍ଫୁର୍ତ୍ତ ପ୍ରତିବାଦକୁ ସମ୍ମାନ ଜଣାଇ ଲେନିନ୍ କୁମାର ଓ ତାଙ୍କ ସହଯୋଗୀଙ୍କ ବିରୁଦ୍ଧରେ ଦାଏର୍ କରିଥିବା ମୋକଦ୍ଦମାକୁ ଅବିଳମ୍ବେ ପ୍ରତ୍ୟାହାର ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ।

## ବେଦାୟିତ୍ୱ ଦୋଷାରୋପ

ନାଗରିକ ସାଧୀନତା ପାଇଁ ଲଢୁଥିବା ଜାତୀୟ ସଂଗଠନ ପି.ୟୁ.ସି.ଏଲ୍. ତରଫରୁ ଉକ୍ତ ଗିରଫଦାରିକୁ ପ୍ରତିବାଦ କରି ଗତ ୯ ତାରିଖରେ ପ୍ରକାଶ ପାଇଥିବା ପ୍ରେସ୍ ଇସ୍ତାହାରରୁ ଜଣାପଡେ ଯେ, ପୋଲିସ୍ ଗଣମାଧ୍ୟମକୁ ସଫେଇ ଦେବା ବେଳେ ଲେନିନ୍ କୁମାରଙ୍କର ମାଓବାଦୀଙ୍କ ସହ ସାଂଗଠନିକ ସଂପର୍କ ବିଷୟରେ କହିଥିବା ବେଳେ ଅଦାଲତ ସମ୍ମୁଖରେ କେବଳ ଭାରତୀୟ ଦଣ୍ଡସଂହିତା-୧୮୬୦ର ଦୁଇଟି ଦଫା, ଯଥା ୧୫୩-ଏ ଏବଂ ୨୯୫-ଏ କୁ ଅଭିଯୋଗର ଭିତ୍ତି ରୂପେ ଦର୍ଶାଇଛି । ସୁତରାଂ ମାଓବାଦୀଙ୍କ ସହ ସଂପର୍କର ଅଭିଯୋଗ ଯେ ଭିତ୍ତିହୀନ, ତାହା ଖୋଦ୍ ପୋଲିସ୍‌ର ଲିଖିତ ବୟାନ୍‌ରୁ ସାବ୍ୟସ୍ତ ହୋଇସାରିଛି । ଏହି ଦୁଇଟି ଦଫା ମୂଳତଃ ଗୋଟିଏ ପ୍ରକାର ଅପରାଧକୁ ଧର୍ତ୍ତବ୍ୟ ଏବଂ ଜାମିନ୍‌ବିହୀନ ବିବେଚନା କରିଥାଏ, ତାହା ହେଲା, ବିଭିନ୍ନ ଧର୍ମ ବା ସଂପ୍ରଦାୟର ଅନୁଗାମୀମାନଙ୍କ ଭିତରେ ବିଦ୍ୱେଷ ବା ଦଙ୍ଗା ସୃଷ୍ଟି କଲାଭଳି ଲେଖା ବା କାର୍ଯ୍ୟ, ଯାହା ପାଇଁ ୩ବର୍ଷର ଜେଲ୍ ବା ଜୋରିମାନା ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି ।

## ଅତୀତର ଅଭିଜ୍ଞତା

ପାଠକେ ଜାଣିଥିବେ, ସୁଦୂର ଅତୀତରେ, ୧୮୯୩ରେ ବାଳ ଗଙ୍ଗାଧର ତିଳକ 'କେଶରୀ' ପତ୍ରିକାରେ ଇଂରେଜମାନଙ୍କ ଦ୍ୱାରା ଭାରତୀୟମାନଙ୍କ ଉପରେ ପୋଲିସ୍ ନିର୍ଯ୍ୟାତନାକୁ କଠୋର ସମାଲୋଚନା କରିଥିବାରୁ ତାଙ୍କୁ ଦଫା ୧୫୩ ବଳରେ ଗିରଫ କରାଯାଇ ୧୮ମାସର ସଶ୍ରମ କାରାଦଣ୍ଡ ଦିଆଯାଇଥିଲା । କିନ୍ତୁ ଠିକ୍ ସେହି କାରଣରୁ ସାରାଦେଶରେ ସେ 'ଲୋକମାନ୍ୟ' ସମ୍ବୋଧନରେ ଭୂଷିତ ହୋଇଥିଲେ । ଇଂରେଜମାନେ ଯେପରି ମନମୁଖୀ ଭାବେ ବିଭିନ୍ନ ପୁସ୍ତକ ଉପରେ ନିଷେଧାଜ୍ଞା ଜାରି କରୁଥିଲେ, ସାଧୀନ ଭାରତର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ସେମାନଙ୍କ ଠାରୁ କିଛି ଶିକ୍ଷା ଗ୍ରହଣ କରିଥିବାର ମନେ ହୁଏନାହିଁ । ଉଦାହରଣ ସ୍ୱରୂପ, ନିଜ ମାତୃଭୂମି ବାଂଲାଦେଶରୁ ମୌଳବାଦୀ ମୁସଲ୍‌ମାନଙ୍କ ଆତଙ୍କ ଭୟରେ ଆତ୍ମ-ନିର୍ବାସିତା ହୋଇଥିବା ଲେଖିକା ତସ୍‌ଲିମା ନସିର୍‌ଙ୍କ 'ଦ୍ୱିଖଣ୍ଡିତା' ଉପନ୍ୟାସକୁ ପଶ୍ଚିମବଙ୍ଗର ରାଜ୍ୟ ସରକାର ନଭେମ୍ବର ୨୦୦୩ରେ ଦଫା ୧୫୩-ଏ ବଳରେ ନିଷିଦ୍ଧ ଘୋଷଣା କଲେ, କିନ୍ତୁ ଦେଖାଗଲା, ଠିକ୍ ସେହି କାରଣରୁ ହିଁ ଉକ୍ତ ବହି ସହିତ ତସ୍‌ଲିମାଙ୍କର ଅନ୍ୟସବୁ ଲେଖାର ଚାହିଦା ଭାରତୀୟ ଉପମହାଦେଶ କାହିଁକି, ସାରା ବିଶ୍ୱର ପାଠକଗୋଷ୍ଠୀଙ୍କ ଆଗରେ କାହିଁକେଜାଣି ବଢିଗଲା ଏବଂ ଇଣ୍ଟରନେଟ୍ ମାଧ୍ୟମରେ ପ୍ରତି ଦେଶର ଆଗ୍ରହୀ ପାଠକମାନେ ସେସବୁକୁ ପଢିବାର ସୁଯୋଗ ପାଇଲେ । ଆଉ ଏକ ବିଚାରାଧୀନ କେଶ୍ ବିଷୟରେ ଏଠାରେ ସୂଚନା ଦେବା ସମୀଚୀନ ମନେହୁଏ । ଜଣେ ଆମେରିକୀୟ ନାଗରିକ, ଯେ କି ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ ଆଶ୍ରମରେ ଦୀର୍ଘକାଳ ରହିଥିଲେ ଏବଂ ଯେ କି ଏବେ ଶ୍ରୀଅରବିନ୍ଦଙ୍କ ରଚନାବଳୀର ସଂପାଦନା ଦାୟିତ୍ୱରେ ଅଛନ୍ତି, ତାଙ୍କ ଦ୍ୱାରା ଶ୍ରୀଅରବିନ୍ଦଙ୍କର ଏକ ଜୀବନୀ ଆମେରିକାରେ ପ୍ରକାଶିତ ହୋଇସାରିଛି ଏବଂ ସେ ଏହାର ଏକ ଭାରତୀୟ ସଂସ୍କରଣ ବାହାର କରିବାକୁ ଚାହୁଁଥିଲେ । କିନ୍ତୁ ଓଡିଶାର ଜଣେ ବ୍ୟକ୍ତି ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ ଯେ, ଏହି ବହିରେ କୁଆଡେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଭିତରେ ପ୍ରେମସଂପର୍କ ଥିବାର କଥା ସୂଚୀତ ହୋଇଛି, ଏବଂ ଏ ବିଷୟରେ ଚର୍ଚ୍ଚା ହେଲେ ଶ୍ରୀଅରବିନ୍ଦଙ୍କୁ ଗୁରୁ ରୂପେ ମାନୁଥିବା ବେଶ୍ ସଂଖ୍ୟକ ହିନ୍ଦୁମାନଙ୍କର ଧର୍ମୀୟ ଭାବବେଗ ଆଘାତପ୍ରାପ୍ତ ହେବ,

ତେଣୁ ସଂପୃକ୍ତ ବହିକୁ ଭାରତରେ ପ୍ରକାଶ ଓ ପ୍ରସାର ପାଇଁ ଅନୁମତି ଦିଆ ନଯାଉ । ଇତିମଧ୍ୟରେ ଓଡିଶା ହାଇକୋର୍ଟ ସଂପୃକ୍ତ ଆମେରିକୀୟ ଲେଖକଙ୍କୁ ବହିରେ ସୂଚୀତ ତଥ୍ୟ ସପକ୍ଷରେ ପ୍ରମାଣ ମାଗିବା ସହିତ ଅନ୍ୟାଦେଶ ଯାଏ ଏହାର ଭାରତୀୟ ସଂସ୍କରଣ ପ୍ରକାଶନକୁ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ଘଟଣାକ୍ରମେ ଓଡିଶା ହାଇକୋର୍ଟ ଭାରତରେ ଏହି ବହିର ପ୍ରସାର ଉପରେ ନିଷେଧାଜ୍ଞା ଜାରି କରନ୍ତି, ତେବେ ଏକଥା ସୁନିଶ୍ଚିତ, ଭାରତର ସର୍ବଜିଜ୍ଞାସୁ ପାଠକବର୍ଗ, ଯେ କି ଏହି ବହି ବିଷୟରେ ବିନ୍ଦୁବିସର୍ଗ ଜାଣିନଥିବେ, ସେମାନେ ଖୋଜିଖୋଜି ଏହାକୁ ଠାବ କରିବେ; କେବଳ ସେତିକି ନୁହେଁ, ମାଇଁ ରାଧା ଓ ଭଣଜା କୃଷ୍ଣଙ୍କ ଭିତରେ ଗୋପନ ପ୍ରେମଲୀଳାକୁ ସଭକ୍ତି ଆସ୍ୱାଦନ କରିଆସୁଥିବା ସେମାନଙ୍କର ଶ୍ରଦ୍ଧାଳୁ ହୃଦୟ ଶ୍ରୀଅରବିନ୍ଦ-ଶ୍ରୀମାଙ୍କ ଭିତରେ ନବାବିଷ୍କୃତ ସପ୍ରେମ ସଂପର୍କକୁ ନେଇ କେତେ କାହିଁ ନୂଆନୂଆ ଭଜନ-ଜଣାଣ ଗାଇବାକୁ ବ୍ୟାକୁଳ ହୋଇ ଉଠିବେ, ଏକଥା ହୁଏତ୍ ଅଭିଯୋଗକର୍ତ୍ତା ଜାଣନ୍ତି ନାହିଁ ।

### ନିଷେଧାଜ୍ଞା- ଏକ ନିଷ୍ଫଳ ପ୍ରୟାସ

ଏଠାରେ କିଛି ନୂଆପୁରୁଣା ଘଟଣାର ଅବତାରଣା କରିବାର ଉଦ୍ଦେଶ୍ୟ ହେଲା, ଗୋଟିଏ ପୁସ୍ତକକୁ ନିଷିଦ୍ଧ କିମ୍ବା ଏହାର ଏକ ଖଣ୍ଡାଂଶକୁ ଆପତ୍ତିଜନକ ଘୋଷଣା କରି ବା ଏହାର ଲେଖକଙ୍କୁ ଦଣ୍ଡିତ କରିବା ଦ୍ୱାରା ଏହାର ତଥ୍ୟାବଳୀ କି ଚିନ୍ତାଧାରାକୁ ନିଶ୍ଚିହ୍ନ କରିହେବନି, ବରଂ ଏପ୍ରକାର ନକରାତ୍ମକ ପଦକ୍ଷେପ ଲୋକମାନଙ୍କୁ ସଂପୃକ୍ତ ବିଷୟରେ ପ୍ରକୃତ କଥା ଜାଣିବା ପାଇଁ ସଙ୍ଗେସଙ୍ଗେ ଉତ୍ସୁକ କରିଦେବ । ମନେରଖିବାକୁ ପଡିବ, ବର୍ତ୍ତମାନର ଇଣ୍ଟରନେଟ୍ ଯୁଗରେ, ଯେତେବେଳେ କି ସୂଚନାର ସରବରାହ କୌଣସି ରାଷ୍ଟ୍ରର ଖିଆଲଖୁସି ଉପରେ ନିର୍ଭର କରୁନାହିଁ, ଜଣେ ବ୍ୟକ୍ତି ଯେ କୌଣସି ସ୍ଥାନରେ ରହି ଗୋଟିଏ ନିଷିଦ୍ଧ ରଚନାକୁ ଅକ୍ଳେଶରେ ପଢିପାରିବ । ଏହି ସତ୍ୟର ସଦ୍ୟତମ ନଜିର୍ ହେଉଛି ଏହି ଲେଖକ ନିଜେ, ଯେ କି ଲେନିନ୍ କୁମାରଙ୍କୁ ମୋଟେ ଜାଣିନଥିଲା କି ତାଙ୍କର ଲେଖା ପଢିନଥିଲା, କିନ୍ତୁ ତାଙ୍କର 'ଆପତ୍ତିଜନକ' ପୁସ୍ତକ ସମ୍ବନ୍ଧରେ ପୋଲିସ୍‌ର ବିବୃତ୍ତି ପଢିସାରିବା ପରେ ତାକୁ ପଢିବା ପାଇଁ ବ୍ୟାକୁଳ ହୋଇପଡିଥିଲା । ପୁଣି ପାଠକମାନଙ୍କର ମନେ ଥିବ, ପ୍ରାୟ ଦେଢ ବର୍ଷ ତଳେ ଗାନ୍ଧିଜୀଙ୍କ ଉପରେ ଜନୈକ ଅଧ୍ୟାପକଙ୍କ ଦ୍ୱାରା ଲିଖିତ 'ମିଛ ମହାତ୍ମା' ପୁସ୍ତକକୁ ରାଜ୍ୟ ସରକାର ନିଷିଦ୍ଧ ଓ ବାଜ୍ୟାପ୍ତ କରିବା ପରେ ଏହାର ଚାହିଦା ଓ ଗୋପନ ପ୍ରସାରଣ କିପରି ହୁହୁ ବଢିଯାଇଥିଲା ।

### ନେପଥ୍ୟରେ କିଏ ?

ଅଦାଲତ ନିକଟରେ ପୋଲିସ୍ ଦାଖଲ କରିଥିବା ଅଭିଯୋଗ ଫର୍ଦ୍ଦରୁ ଜଣା ପଡେ ଯେ, ଲେନିନ୍ କୁମାରଙ୍କ ରଚିତ 'ଧର୍ମ ନାଆଁରେ କନ୍ଧମାଳରେ ରକ୍ତନଦୀ' ଏକ ୮୦ ପୃଷ୍ଠାର ପୁସ୍ତକ ହୋଇଥିଲେ ହେଁ ଏହାର ମାତ୍ର ୩ ପୃଷ୍ଠା (୩୮ରୁ ୪୧) ହେଉଛି ଆପତ୍ତିଜନକ, ଅର୍ଥାତ୍ ଧାର୍ମିକ ବିଦ୍ୱେଷକୁ ଉସ୍କାନି ଦେବା ପାଇଁ ଅଭିପ୍ରେତ । ବର୍ତ୍ତମାନ ଆମେ ଦେଖିବା ସଂପୃକ୍ତ ୩ ପୃଷ୍ଠାରେ କ'ଣ ଅଛି ? ଏଥିରେ 'ସାଂଘାତିକ ସତ୍ୟ!' ଶିରୋନାମାରେ ଭୋପାଳର ଗୋଇନ୍ଦା ପୋଲିସ୍ ଦ୍ୱାରା ଜବତ ହୋଇଥିବା 'ଭାରତର ଶୁଦ୍ର ସମାଜକୁ ଧ୍ୱଂସ କରିବା ପାଇଁ ଆର୍.ଏସ୍.ଏସ୍.ର ଗୋପନୀୟ ପତ୍ର'ର ଅବିକଳ ନକଲ ସ୍ଥାନିତ ହୋଇଛି । ତଦାନୀନ୍ତନ ମଧ୍ୟପ୍ରଦେଶ ସରକାରଙ୍କ ସୂତ୍ରରୁ ଉପଲବ୍ଧ ଏହି ପତ୍ରଟି ପୁଣି ପୂର୍ବରୁ ଏକାଧିକ ପଂଜିକୃତ ସମ୍ବାଦପତ୍ରରେ ପ୍ରକାଶ ପାଇସାରିଛି, ଯଥା 'ନ୍ୟୁ ଏଜ୍, ୧୮-୨୪ ଜୁନ୍ ୨୦୦୦' ଏବଂ ଦୈନିକ 'ଲୋକମତ'ର ୧୫ ଜୁଲାଇ ୨୦୦୦ । ସୁତରାଂ ଲେନିନ୍ କୁମାର ଏହି ପତ୍ରର ରଚୟିତା ନୁହଁନ୍ତି କି ପ୍ରଥମ ଥର ପାଇଁ ଏହାକୁ ତାଙ୍କ ବହିରେ ଛାପୁନାହାନ୍ତି, ତେଣୁ ସେ ଜଣେ ଉଦ୍ଧୃତିକାରୀ ଭାବେ କାହିଁକି ଦଣ୍ଡିତ ହେବେ ? ବର୍ତ୍ତମାନ ଆମେ ଦେଖିବା, ଲେନିନ୍ କୁମାର ଏହି ପତ୍ରକୁ ପୁନଃମୁଦ୍ରଣ କରି କୌଣସି ଧର୍ମାବଲମ୍ବୀଙ୍କର ଧର୍ମବିଶ୍ୱାସକୁ ଆଘାତ କରୁଛନ୍ତି କି ? ବା କରିବାର ଆଶଙ୍କା ଅଛି କି ? କଦାପି ନୁହେଁ, ବରଂ ହିନ୍ଦୁ ଧର୍ମ ନାଁରେ ଦଳିତ ହିନ୍ଦୁଙ୍କ ବିରୁଦ୍ଧରେ ଜାତିଆଣ ଦଙ୍ଗା ଏବଂ ଖ୍ରୀଷ୍ଟଧର୍ମୀ ଓ ମୁସଲମାନ୍‌ଙ୍କ ବିରୁଦ୍ଧରେ ସାଂପ୍ରଦାୟିକ ଦଙ୍ଗା ସୃଷ୍ଟି କରିବା ମତଲବ୍ ନେଇ ଯେଉଁ ନିର୍ଦ୍ଦିଷ୍ଟ ଏକ ସଂଗଠନ ତାର କର୍ମୀମାନଙ୍କୁ ୩୪ ଦଫା ବିଶିଷ୍ଟ ଅତ୍ୟନ୍ତ ସଂଘାତିକ ଏବଂ ଗୁପ୍ତ ନିର୍ଦ୍ଦେଶନାମା ଦେଇଛି, ତାକୁ ଲେନିନ୍ କୁମାର ପୁଣି ଥରେ ପଦାରେ ପକାଇ ଭାରତୀୟ ସମ୍ବିଧାନରେ ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତ ନାଗରିକଙ୍କ ପାଇଁ ସ୍ୱୀକୃତ ସମାନ ମାନବିକ ମର୍ଯ୍ୟାଦାର ମହାନ୍ ଆଦର୍ଶକୁ ତୋଳି ଧରିଛନ୍ତି । କେବଳ ସେତିକି ନୁହେଁ, ସବର୍ଣ୍ଣ ହିନ୍ଦୁ ଓ ଅସବର୍ଣ୍ଣ ହିନ୍ଦୁମାନଙ୍କ ଭିତରେ ଜାତିଆଣ ବିଭେଦ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ଏହି ଖତରନାକ୍ ଗୋପନପତ୍ରକୁ ପଦାରେ ପକାଇ ସେ ଅଲକ୍ଷ୍ୟରେ ହିନ୍ଦୁଧର୍ମର ହିଁ ଅଶେଷ ଉପକାର କରିଛନ୍ତି । ଯଦି ପୋଲିସ୍ କାହା ବିରୁଦ୍ଧରେ ଭାରତୀୟ ଦଣ୍ଡବିଧିର ଦଫା ୧୫୩-ଏ ବା ୨୯୫-ଏ ପ୍ରୟୋଗ କରି ଗିରଫଦାରି ଏବଂ ଚଢାଉ କରିବା କଥା, ତେବେ ସେମାନେ ହେଉଛନ୍ତି ଆର୍.ଏସ୍.ଏସ୍.ର ସଂପୃକ୍ତ ନେତୃବର୍ଗ, ଯେଉଁମାନେ କି ଭାରତର ସମ୍ବିଧାନକୁ ସଂପୂର୍ଣ୍ଣ ରୂପେ ବେଖାତିର୍ କରି ଜାତି ଓ ଧର୍ମ ନାଁରେ ରକ୍ତନଦୀ ବୁହାଇବାର ଅଭିଯାନ ଜାରିରଖିଛନ୍ତି । କିନ୍ତୁ ଆମେ ଦେଖିଲୁ, ଲେନିନ୍ କୁମାର ଓ ତାଙ୍କ ପୁସ୍ତକ ଉପରେ ଚଢାଉ କରି ଓଡିଶା ପୋଲିସ୍ ଠିକ୍ ଓଲଟା କାମ କଲେ, ଅର୍ଥାତ୍ ଦଳିତ ହିନ୍ଦୁ ଓ ସଂଖ୍ୟାଲଘୁଙ୍କ ରକ୍ତରେ ହୋରି ଖେଳୁଥିବା ସଂକୀର୍ଣ୍ଣ ଜାତିଆଣବାଦୀ ଏବଂ ସାଂପ୍ରଦାୟିକତାବାଦୀ ଖଳଶକ୍ତିର ନେପଥ୍ୟ ଇଙ୍ଗିତର ସେବାଦାସ ବନିଗଲେ ।

Chitta Behera, 4A Jubilee Tower, Choudhury Bazar, Cuttack-9, Mobile- 9437577546, Dt.18 December 2008